# NATIONAL NEWS BULLETIN (ODIA)
## 3 July - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଅଗ୍ନିବୀର ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗରେ ବିରୋଧୀ ପକ୍ଷରୁ ସଂସଦରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଇଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଉତ୍ତରପ୍ରଦେଶର ହାତ୍ରସ୍ ଜିଲ୍ଲାରେ ଦଳାଚକଟା ଘଟଣାରେ ୧୧୬ ଜଣଙ୍କ ମୃତ୍ୟୁ ।

– ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗଭୀର ଦୁଃଖ ପ୍ରକାଶ ।

- କାଜାକାସ୍ତାନ ଗସ୍ତରେ ଯାଇ ଅସ୍ଥାନାଠାରେ ପହଞ୍ଚିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।
- ଆସାମ ବନ୍ୟାରେ ୧୧ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

ଏବଂ

- ୱିମ୍ବିଲ୍ଡନ୍ ଟେନିସ୍ ପ୍ରତିଯୋଗିତାରେ ପୁରୁଷ ମିଳିତ ବର୍ଗରେ ଭାରତର ରୋହନ ବୋପନ୍ନା ଆଜି ଖେଳିବେ ପ୍ରଥମ ମ୍ୟାଚ୍ ।

## ଏଲ୍ଏସ୍ ପିଏମ୍- ର୍ୟାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅଗ୍ନିବୀର ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗରେ ଗୃହକୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଉତ୍ତର ଦେଇ ଲୋକସଭାରେ ପ୍ରଧାନମନ୍ତ୍ରୀ ଏକଥା କହିଛନ୍ତି । ସେ କହିଛନ୍ତି, ବିରୋଧୀ ଦଳ ନେତା ଶ୍ରୀ ଗାନ୍ଧି ଦୁର୍ନୀତି ମାମଲାରେ ଜାମିନ୍‌ରେ ଅଛନ୍ତି ଏବଂ ଓ.ବି.ସି. ସମ୍ପ୍ରଦାୟକୁ ଅପମାନିତ କରିବା ଅଭିଯୋଗରେ  ଦୋଷୀ ସାବ୍ୟସ୍ତ ହୋଇଛନ୍ତି । କେତେକ ମାନହାନୀ ମୋକଦ୍ଦମା  ଏବେ ମଧ୍ୟ କଂଗ୍ରେସର ନେତାଙ୍କ ବିରୁଦ୍ଧରେ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି । ସମ୍ବିଧାନ ଏବଂ ସଂରକ୍ଷଣ ନେଇ ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ପକ୍ଷରୁ ଲୋକଙ୍କ ପାଖରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନା କରାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ  ଅଭିଯୋଗ କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୁଦ୍ଧରେ କଂଗ୍ରେସ ଦଳର ଅପପ୍ରଚାରକୁ ସେ ସମାଲୋଚନା କରିଥିଲେ । ଚଳିତ ବର୍ଷ ସାଧାରଣ ନିର୍ବାଚନରେ

ଦୁର୍ନୀତିବିରୋଧୀ ଶୂନ୍ୟ ସହନଶୀଳତା ନୀତି ଯୋଗୁଁ ସାଧାରଣ ଜନତା ଏନ୍.ଡି.ଏ. ମେଣ୍ଟକୁ ସମର୍ଥନ କରିଛନ୍ତି ବୋଲି ସେ କହିଥିଲେ । ତାଙ୍କ ସରକାର ସମସ୍ତଙ୍କ ପାଇଁ ସମାନ ନ୍ୟାୟ ନୀତିକୁ ଗୁରୁତ୍ୱ ଦେଉଛି । ସାଧାରଣ ନିର୍ବାଚନରେ ଜନସାଧାରଣ ନିଜର ପରିପକ୍ୱତା ଏବଂ ବୃଦ୍ଧି ପ୍ରଦର୍ଶନ କରିଥିବାରୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି । ଲୋକସଭା ସହ ୪ଟି ରାଜ୍ୟର ବିଧାନସଭା ପାଇଁ ହୋଇଥିବା ଏକକାଳୀନ ନିର୍ବାଚନରେ ଏନ୍.ଡି.ଏ. ମେଣ୍ଟକୁ ସଫଳତା ମିଳିବା ଏହାର ଉଦାହରଣ ବୋଲି ସେ କହିଛନ୍ତି ।

ଉତ୍ତରପ୍ରଦେଶର ହାତ୍ରସ୍ ଦଳାଚକଟାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଥିଲେ । ସେ କହିଥିଲେ, କେନ୍ଦ୍ର ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ।

ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ଗୃହରେ ପ୍ରତିବାଦ କରିଥିଲେ । ବାଚସ୍ପତି ଓମ୍ ବିର୍ଲା ବିରୋଧୀଙ୍କ ଆଚରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଗୃହରେ ଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ବିରୋଧୀ ସଦସ୍ୟଙ୍କ ଅଶାଳୀନ ଆଚରଣ ଆଧାରରେ ଗୃହରେ

ଏକ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ । ଏହାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମର୍ଥନ କରିଥିଲେ । ତେବେ ଧ୍ୱନି ମତରେ ଏହି ପ୍ରସ୍ତାବ ପାରିତ ହୋଇଥିଲା ।

ରାଜ୍ୟସଭାରେ ମଧ୍ୟ ଏହି ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଜାରି ରହିଛି । ଏହି ଆଲୋଚନାରେ ଅଂଶଗ୍ରହଣ କରି ଆସାମ ଗଣପରିଷଦର ସଦସ୍ୟ ବୀରେନ୍ଦ୍ର ପ୍ରସାଦ ବୈଶ୍ୟ ଆସାମର ୬ଟି ସମ୍ପ୍ରଦାୟକୁ ତଫସିଲଭୁକ୍ତ ଜାତିରେ ଅନ୍ତର୍ଭୁକ୍ତ କରିବା ସଂକ୍ରାନ୍ତ ପ୍ରସଙ୍ଗ ଉଠାଇଥିଲେ ।

ବିଜେପି ସଦସ୍ୟ ଅଶୋକ ରାଓ ଚୌହାନ ପ୍ରଶ୍ନପତ୍ର ପ୍ରଘଟ ନେଇ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଜଡ଼ିତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ରାଜ୍ୟସଭା ନେତା ବିଜେପିର ଜେ.ପି. ନଡ୍ଡା କହିଥିଲେ, ରାଷ୍ଟ୍ରପତିଙ୍କ ଅଭିଭାଷଣରେ ସରକାରଙ୍କ କାର୍ଯ୍ୟ ଦକ୍ଷତା ପ୍ରତିଫଳିତ ହୋଇଛି । ଦେଶରେ ଆର୍ଥିକ ସ୍ଥିତିରେ ଉନ୍ନତି ହୋଇଥିବା ସେ କହିଛନ୍ତି । ରାଜ୍ୟସଭାରେ ଆଜି ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଉତ୍ତର ରଖିବେ ।

## ପିଏମ୍-ନେଦରଲାଣ୍ଡ ପିଏମ୍

ନେଦରଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ଡିକ୍ ସୋଫ୍ ଦାୟିତ୍ୱ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦୁଇ ଦେଶ ମଧ୍ୟରେ ଅକ୍ଷୟ ଶକ୍ତି, ଜଳ ପରିଚାଳନା, କୃଷି, ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରରେ ଭାଗିଦାରୀକୁ ସୁଦୃଢ଼ କରିବା ଲାଗି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ୟୁପି-ଷ୍ଟାମ୍ପେଡ୍

ଉତ୍ତରପ୍ରଦେଶର ହାତ୍ରସ୍ ଜିଲ୍ଲାରେ ଏକ ଧାର୍ମିକ ସମାବେଶରେ ଦଳାଚକଟା ଯୋଗୁଁ ୧୧୬ ଜଣଙ୍କର ମୃତ୍ୟୁ ହୋଇଛି । ସିକନ୍ଦରାରାଓ ତହସିଲ ଅନ୍ତର୍ଗତ ଫୁଲରାଇ ଗ୍ରାମର ଭୋଲେବାବାଙ୍କ ସତ୍‌ସଙ୍ଗରେ ଗତକାଲି ଏହି ଦୁର୍ଘଟଣା ଘଟିଛି । କାର୍ଯ୍ୟକ୍ରମ ଶେଷ ହେବା ପରେ ଶ୍ରଦ୍ଧାଳୁମାନେ ଭୋଲେବାବାଙ୍କ ଦର୍ଶନ କରିବାକୁ ଚେଷ୍ଟା କରିବାରୁ ଏହି ଅଘଟଣ ଘଟିଥିଲା । ଉତ୍ତରପ୍ରଦେଶର ମୁଖ୍ୟ ଶାସନ ସଚିବ ମନୋଜ କୁମାର ସିଂହ କହିଛନ୍ତି, ଏ ପର୍ଯ୍ୟନ୍ତ ୭୨ଟି ମୃତ ଦେହକୁ ଚିହ୍ନଟ କରାଯାଇପାରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆଗ୍ରା

ଜୋନ୍‌ର ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଟିକୁ କୁହାଯାଇଛି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପୃଥକ ପୃଥକ ବାର୍ତ୍ତାରେ ସେମାନେ ଏହି ଘଟଣାରେ ମହିଳା ଏବଂ ଶିଶୁଙ୍କ ମୃତ୍ୟୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଆତଙ୍କର ଆଶୁଆରୋଗ୍ୟ ମଧ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଘଟଣା ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଆଲୋଚନା କରିଛନ୍ତି । ଏହି ଦୁର୍ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିଭଳି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାର ଏବଂ ଆହତଙ୍କ ଲାଗି ସମପରିମାଣର ଅନୁକମ୍ପା ମୂଳକ ରାଶି ଘୋଷଣା କରିଛନ୍ତି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କାଜାକାସ୍ତାନ ଗସ୍ତରେ ଯାଇ ଗତକାଲି ଅସ୍ଥାନାରେ ପହଞ୍ଚିଛନ୍ତି । ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ଶିଖର ସମ୍ମିଳନୀରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିନିଧିତ୍ୱ ସହ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ । ଏହି ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । କାଜାକାସ୍ତାନର ଉପବୈଦେଶିକ ମନ୍ତ୍ରୀ ଅଲିବେକ୍ ବାକାୟେଭ୍ ଶ୍ରୀ ଜୟଶଙ୍କରଙ୍କୁ ସ୍ୱାଗତ କରିଥିଲେ । କାଜାକାସ୍ତାନର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ମୁରାତ୍ ନୁର୍‌ଟଲୁଙ୍କ ସହ ଗତକାଲି ସାକ୍ଷାତ ଆଲୋଚାନ କରିଥିଲେ । ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଏହି ଦୁଇ ନେତାଙ୍କ ଆଲୋଚନାରେ ସ୍ଥାନ ପାଇଥିଲା । ଆଞ୍ଚଳିକ ଏବଂ ବୈଶ୍ୱିକ ପରିସ୍ଥିତି ନେଇ ଦୁଇ ନେତା ମତବିନିମୟ କରିଥିଲେ । ଏସ୍.ସି.ଓ. ବୈଠକରେ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଆସାମ-ବନ୍ୟା

ଆସାମରେ ବନ୍ୟା ପରିସ୍ଥିତି ଅଧିକ ଗମ୍ଭୀର ହୋଇଛି । ୨୮ଟି ଜିଲ୍ଲାରେ ୧୧ଲକ୍ଷରୁ ଅଧିକ ଲୋକ ବନ୍ୟା ଜନିତ ପରିସ୍ଥିତି ନେଇ

ପ୍ରଭାବିତ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ତିନସୁକିଆ ଏବଂ ଧେମାଜିରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବିଶ୍ୱନାଥରେ ଜଣେ ନିଖୋଜ ଥିବା ଜଣାପଡ଼ିଛି । ୨ହଜାର ୨୦୮ଟି ଗାଁର ୪୨ ହଜାର ହେକ୍ଟରରୁ ଅଧିକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମନ୍ତ୍ରୀ ଏବଂ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାଜିରଙ୍ଗା ଜାତୀୟ ଉଦ୍ୟାନରେ ବନ୍ୟା ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ଗତକାଲି ସମୀକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଗୋଲଘାଟ ଜିଲ୍ଲା ପରିଦର୍ଶନ କରିଥିଲେ । ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥା ବ୍ୟାପକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ୧୪୦ଟି ରିଲିଫ୍ କ୍ୟାମ୍ପ ଏବଂ ୩୫୯ଟି ରିଲିଫ୍ ବଣ୍ଟନ କେନ୍ଦ୍ର ଖୋଲାଯାଇଛି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ପାଇଁ ଏନ୍.ଡି.ଆର୍.ଏଫ୍. ଓ ଏସ୍.ଡି.ଆର୍.ଏଫ୍. ଦଳକୁ ମୁତୟନ କରାଯାଇଛି ।

## ମାଓବାଦୀ

ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୫ ଜଣ ମାଓବାଦୀ ନିହତ ହୋଇଛନ୍ତି । ଜିଲ୍ଲା ଆରକ୍ଷି ଅଧିକ୍ଷକ ପ୍ରଭାତ କୁମାର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି,

କୋହକାମେଟା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁଇନ୍ଦା ସୂଚନା ମିଳିବା ପରେ ଡି.ଆର୍.ଜି., ଏସ୍.ଟି.ଏଫ୍., ବି.ଏସ୍.ଏଫ୍. ଏବଂ ଆଇ.ଟି.ବି.ପି.ର ମିଳିତ ବାହିନୀ ପକ୍ଷରୁ ସେଠାରେ ସର୍ଚ୍ଚ ଅପରେସନ୍ କରାଯାଇଥିଲା । ମହାରାଷ୍ଟ୍ର ସୀମାବର୍ତ୍ତୀ ଜଙ୍ଗଲରେ ମାଓବାଦୀଙ୍କ ପକ୍ଷରୁ ସୁରକ୍ଷାକର୍ମୀଙ୍କ ଉପରେ ଗୁଳିମାଡ଼ କରାଯାଇଥିଲା । ସୁରକ୍ଷା ବାହିନୀର ପାଲଟା ଜବାବରେ ୫ ଜଣ ମାଓବାଦୀ ନିହତ ହୋଇଥିଲେ ।

ଅନ୍ୟ ପକ୍ଷରେ ସୁକୁମା ଜିଲ୍ଲାର ବିଭିନ୍ନ ସ୍ଥାନରୁ ୯ ଜଣ ମାଓବାଦୀଙ୍କୁ ଗିରଫ୍ କରାଯାଇଛି । ଏହା ବ୍ୟତୀତ ସୁକୁମା ଜିଲ୍ଲାରେ ଜଣେ ମହିଳାଙ୍କ ସମେତ ଦୁଇ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀଙ୍କ ଉପରେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

## ଅମରନାଥ ଯାତ୍ରା

ପବିତ୍ର ଅମରନାଥ ଦର୍ଶନ ପାଇଁ ଆଜି ସକାଳୁ ୫ହଜାର ୭୨୫ ଜଣ ତୀର୍ଥଯାତ୍ରୀ ଜମ୍ମୁ ସ୍ଥିତ ଭଗବତୀ ନଗର ଯାତ୍ରୀ ନିବାସ ମୂଳ କ୍ୟାମ୍ପ୍‌କୁ ଯାତ୍ରା ଆରମ୍ଭ କରିଛନ୍ତି । ସେମାନଙ୍କ ମଧ୍ୟରେ ୪ହଜାର ୪୮୧ ଜଣ ପୁରୁଷ, ୧ହଜାର ୩୪ ଜଣ ମହିଳା, ୨୫ ଜଣ ଶିଶୁ ଅନ୍ତର୍ଭୁକ୍ତ । ଏହି ଯାତ୍ରୀଙ୍କୁ ମଧ୍ୟରୁ ୨ହଜାର ୫୧୪ ଜଣ ତୀର୍ଥଯାତ୍ରୀ ବାଲତାଲ ପଥ ଦେଇ ଏବଂ

୩ହଜାର ୨୧୧ ଜଣ ପେହେଲଗାଓଁ ପଥ ଦେଇ ଗୁମ୍ଫା ଅଭିମୁଖେ ଯାତ୍ରା କରୁଛନ୍ତି ।

## ଓ୍ୱିମ୍ବିଲଡନ୍

ଓ୍ୱିମ୍ବିଲଡନ୍ ଟେନିସ୍ ପ୍ରତିଯୋଗିତାରେ ଭାରତର ରୋହନ୍ ବୋପନ୍ନା ଏବଂ ତାଙ୍କର ଅଷ୍ଟ୍ରେଲୀୟ ଯୋଡ଼ି ମାଥ୍ୟୁ ଏବ୍‌ଡେନ୍ ଆଜି ସନ୍ଧ୍ୟାରେ ମିଳିତ ପୁରୁଷ ବର୍ଗରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବେ । ଏହି ପ୍ରତିଯୋଗିତାରେ ଭାରତ-ଅଷ୍ଟ୍ରେଲୀୟ ଯୋଡ଼ିକୁ ଦ୍ୱିତୀୟ ମାନ୍ୟତା ପ୍ରଦାନ କରାଯାଇଛି ।

ସେହିଭଳି ଭାରତର ଅନ୍ୟତମ ଖେଳାଳି ସୁମିତ ନାଗଲ ମିଳତ ପୁରୁଷ ବର୍ଗରେ ତାଙ୍କର ସାଥୀ ଖେଳାଳି ସର୍ବିୟାର ଦୁଆନ୍ ଲୋଜୋଭିକ୍ ଆଜି ତାଙ୍କର ପ୍ରଥମ ମ୍ୟାଚ୍ ଖେଳିବେ ।

ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଖେଳିଳି ନୋଭାକ୍ ଜୋକୋଭିକ୍ ତାଙ୍କର ପ୍ରଥମ ମ୍ୟାଚ୍ ଜିତି ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଅନ୍ୟ ପକ୍ଷରେ ମହିଳା ସିଙ୍ଗଲ୍ସବର୍ଗରେ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭନ୍ଦ୍ରୋସୋଭା ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ।